# NATIONAL NEWS BULLETIN (ODIA)

## 25 July - 2026

## Evening Bulletin : 7.15 p.m.

*******************************

## ମୁଖ୍ୟ ସମ୍ବାଦ

- କେନ୍ଦ୍ର ସରକାରଙ୍କ ସହ ଆଲୋଚନା ପରେ ସିଜେପିର ଆନ୍ଦୋଳନ ପ୍ରତ୍ୟାହୃତ

– କେନ୍ଦ୍ର ମନ୍ତ୍ରିମଣ୍ଡଳରୁ ଇସ୍ତଫା ଦେଲେ ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ

- ରୋମାନିଆକୁ ସରକାରୀ ଗସ୍ତ ଶେଷ କରି ନୂଆଦିଲ୍ଲୀକୁ ପ୍ରତ୍ୟାବର୍ତ୍ତନ କରୁଛନ୍ତି ରାଷ୍ଟ୍ରପତି
- ଆକାଶବାଣୀର 'ମନ୍ କି ବାତ୍' କାର୍ଯ୍ୟକ୍ରମରେ ଆସନ୍ତାକାଲି ଦେଶବାସୀଙ୍କ ସହ ଭାବବିନିମୟ କରିବେ ପ୍ରଧାନମନ୍ତ୍ରୀ
- ହରିଶୟନ ଏକାଦଶୀ ତିଥିରେ ଶ୍ରୀକ୍ଷେତ୍ର ବଡ଼ଦାଣ୍ଡରେ ରଥ ଉପରେ ସୁନାବେଶରେ ଦର୍ଶନ ଦେଉଛନ୍ତି ଶ୍ରୀଜୀଉ

ଏବଂ

- ହରାରେଠାରେ ଚାଲିଥିବା ପୁରୁଷ ଦ୍ୱିତୀୟ ଟି-ଟ୍ୱେଣ୍ଟି କ୍ରିକେଟ ମ୍ୟାଚ୍‌ରେ ଜିମ୍ବାୱେ ସମ୍ମୁଖରେ ୨୨୦ ରନ୍‌ର ବିଜୟ ଲକ୍ଷ୍ୟ ଧାର୍ଯ୍ୟ କଲା ଭାରତ

## ଗଭ୍‌-ସିଜେପି ଟକ୍ସ

ସରକାରଙ୍କ ସହ ଆଲୋଚନା ପରେ ସିଜେପି ଏହାର ଆନ୍ଦୋଳନକୁ ପ୍ରତ୍ୟାହାର କରିଛି। କେନ୍ଦ୍ର ମନ୍ତ୍ରୀ ଜେ.ପି.ନଡ୍ଡା ଏବଂ ଡକ୍ଟର ଜିତେନ୍ଦ୍ର ସିଂହ ଆଜି ସିଜେପି ପ୍ରତିନିଧି ମଣ୍ଡଳୀ ସହ ତୃତୀୟ ପର୍ଯ୍ୟାୟ ଆଲୋଚନା କରିବା ପରେ ଏହି ନିର୍ଯ୍ୟାସ ବାହାରିଛି। ପରୀକ୍ଷା ବ୍ୟବସ୍ଥାରେ ସଂସ୍କାର, ପ୍ରଶ୍ନପତ୍ର ପ୍ରଘଟ ଘଟଣାକୁ ପ୍ରତିହତ କରିବା ଲକ୍ଷ୍ୟ ନେଇ ଦାବିଗୁଡ଼ିକ ଉପରେ ବୈଠକରେ ଧ୍ୟାନ କେନ୍ଦ୍ରୀଭୂତ ହୋଇଥିଲା। ନୂଆଦିଲ୍ଲୀରେ ସିଜେପି ପ୍ରତିନିଧିମଣ୍ଡଳୀ ସହିତ ଏକ ମିଳିତ ସାମ୍ବାଦିକ ସମ୍ମିଳନୀରେ ମନ୍ତ୍ରୀ ଶ୍ରୀ ନଡ୍ଡା ସିଜେପିର ଦାବିଗୁଡ଼ିକ ପ୍ରତି ସରକାର ସହମତି ପ୍ରକାଶ କରିଥିବା କହିଛନ୍ତି। ସେ କହିଛନ୍ତି, ପ୍ରତିବାଦକାରୀଙ୍କ ବିରୁଦ୍ଧରେ କୌଣସି କାର୍ଯ୍ୟାନୁଷ୍ଠାନ କିମ୍ବା ସେମାନଙ୍କ ବିରୁଦ୍ଧରେ ମାମଲା ରୁଜୁ କରାଯିବ ନାହିଁ। ଇତିମଧ୍ୟରେ ପଞ୍ଜୀକୃତ ହୋଇଥିବା ଏଫ୍.ଆଇ.ଆର୍.ଗୁଡ଼ିକୁ ପ୍ରତ୍ୟାହାର କରାଯିବ ବୋଲି ଶ୍ରୀ ନଡ୍ଡା ସ୍ୱଷ୍ଟ କରିଛନ୍ତି। କ୍ଷତିପୂରଣ ପ୍ରସଙ୍ଗରେ ଶ୍ରୀ ନଡ୍ଡା କହିଛନ୍ତି, ଏଥିପାଇଁ ସରକାରଙ୍କ ପୂର୍ଣ୍ଣ ସହାନୁଭୂତି ରହିଛି ଏବଂ ନୀତିନିୟମ ଅନୁଯାୟୀ ସର୍ବାଧିକ କ୍ଷତିପୂରଣ ପ୍ରଦାନ କରିବାକୁ ନିଶ୍ଚିତ କରାଯିବ। ଅନ୍ୟପକ୍ଷରେ ସିଜେପିର ମୁଖ୍ୟ ମୁଖପାତ୍ର ସୌରଭ ଦାସ

ସମ୍ମିଳନୀରେ ସଦ୍‌ଭାବନାର ସହିତ ଆନ୍ଦୋଳନ ପ୍ରତ୍ୟାହାର କରି ନିଆଯାଇଥିବା ନେଇ ଘୋଷଣା କରିଛନ୍ତି। ସହମତ ହୋଇଥିବା ସର୍ତ୍ତାବଳୀଗୁଡ଼ିକ ନିର୍ଦ୍ଦିଷ୍ଟ ସମୟସୀମାରେ କାର୍ଯ୍ୟକାରୀ ହେବା ନେଇ ସେ ଏହି ଅବସରରେ ଆଶାବ୍ୟକ୍ତ କରିଛନ୍ତି।

## ପ୍ରଧାନ ରେଜିନେସନ୍

ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ତାଙ୍କ ପଦରୁ ଇସ୍ତଫା ପ୍ରଦାନ କରିଛନ୍ତି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କୁ ସେ ତାଙ୍କର ଇସ୍ତଫା ପତ୍ର ପ୍ରଦାନ କରିଛନ୍ତି। ସାମାଜିକ ଗଣମାଧ୍ୟମ ପୋଷ୍ଟରେ ଶ୍ରୀ ପ୍ରଧାନ ଏ ସମ୍ପର୍କରେ ସୂଚନା ଦେଇ ଗତ ୧୦ ଦିନ ଧରି ଛାତ୍ର ଗୋଷ୍ଠୀଙ୍କ ପ୍ରତିବାଦ ଏବଂ ତତ୍‌ଜନିତ ପରିସ୍ଥିତି ପାଇଁ ଦୁଃଖ ପ୍ରକାଶ କରିଛନ୍ତି। ପ୍ରଧାନମନ୍ତ୍ରୀଙ୍କ ମାର୍ଗଦର୍ଶନ, ବିଶ୍ୱାସ ଓ ନିରନ୍ତର ସମର୍ଥନ ପାଇଁ ଶ୍ରୀ ପ୍ରଧାନ କୃତଜ୍ଞତା ପ୍ରକାଶ କରିଛନ୍ତି। ସେ କହିଛନ୍ତି, ରାଷ୍ଟ୍ର ସେବା ତାଙ୍କ ଜୀବନର ସର୍ବୋଚ୍ଚ ପ୍ରାଥମିକତା ଏବଂ ଏଥିପାଇଁ ସେ ସର୍ବଦା ଉତ୍ସର୍ଗୀକୃତ ହୋଇ ରହିବେ। ଶ୍ରୀ ପ୍ରଧାନ କହିଛନ୍ତି, ନିଟ୍ ୟୁଜି ପରୀକ୍ଷା-୨୦୨୬ର ଅନିୟମିତତା ପରିପ୍ରେକ୍ଷୀରେ ସରକାରଙ୍କ ପକ୍ଷରୁ ସମସ୍ତ ପ୍ରକାର ଆନୁଷଙ୍ଗିକ ପଦକ୍ଷେପ ଗ୍ରହଣ କରାଯାଇଛି। ଆସନ୍ତା ବର୍ଷଠାରୁ ଏହି ପରୀକ୍ଷା ସି.ବି.ଟି. ମୋଡ୍‌ରେ କରିବାକୁ ସରକାର ନିଷ୍ପତ୍ତି ଗ୍ରହଣ କରିଛନ୍ତି ବୋଲି ଶ୍ରୀ ପ୍ରଧାନ କହିଛନ୍ତି।

## ପ୍ରେଜ୍-ରୋମାନିଆ

ରୋମାନିଆକୁ ସରକାରୀ ଗସ୍ତ ଶେଷ କରି ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ନୂଆଦିଲ୍ଲୀ ପ୍ରତ୍ୟାବର୍ତ୍ତନ କରୁଛନ୍ତି। ଗସ୍ତ ଅବସରରେ ରାଷ୍ଟ୍ରପତି ରୋମାନିଆ ପ୍ରତିପକ୍ଷ ନିକୁସର ଡାନ୍‌ଙ୍କ ସହ ବିଭିନ୍ନ ଦ୍ୱିପାକ୍ଷିକ ସ୍ୱାର୍ଥ ସମ୍ବଳିତ ପ୍ରସଙ୍ଗ ନେଇ ଆଲୋଚନା କରିଛନ୍ତି। ବାଣିଜ୍ୟ, ନିବେଶ, ପ୍ରତିରକ୍ଷା, ଡିଜିଟାଲ ପ୍ରଯୁକ୍ତିବିଦ୍ୟା, ଶିକ୍ଷା, ନବୀକରଣୀୟ ଶକ୍ତି ଏବଂ ସଂସ୍କୃତି କ୍ଷେତ୍ରରେ ଦ୍ୱିପାକ୍ଷିକ ସହଯୋଗ ବୃଦ୍ଧି ନେଇ ବ୍ୟାପକ ଆଲୋଚନା ହୋଇଥିଲା। ରାଷ୍ଟ୍ରପତି ମୁର୍ମୁ ରୋମାନିଆର ପ୍ରଧାନମନ୍ତ୍ରୀ ତଥା ସଂସଦୀୟ ନେତାଙ୍କ ସହ ମଧ୍ୟ ସାକ୍ଷାତ ଆଲୋଚନା କରିଛନ୍ତି। ଭାରତ–ରୋମାନିଆ ବ୍ୟବସାୟୀ ଫୋରମ୍‌କୁ ସମ୍ବୋଧନ କରିବା ସହ ରାଷ୍ଟ୍ରପତି ପ୍ରବାସୀ ଭାରତୀୟଙ୍କ ସହ ମତବିନିମୟ କରିଛନ୍ତି। ବୁଖାରେଷ୍ଟଠାରେ ପ୍ରବାସୀ ଭାରତୀୟଙ୍କ ପକ୍ଷରୁ ଆୟୋଜିତ ସ୍ୱାଗତ ସମାବେଶକୁ ସମ୍ବୋଧନ କରି ରାଷ୍ଟ୍ରପତି ସେମାନଙ୍କର ମାତୃଭୂମି ସହ ରହିଥିବା ଦୃଢ଼ ସମ୍ପର୍କ ଉପରେ ଆଲୋକପାତ କରିଛନ୍ତି। ପ୍ରତ୍ୟେକ ଭାରତୀୟଙ୍କ ସଫଳତା ଏବଂ ସମର୍ପଣ ପାଇଁ ଦେଶ ଗର୍ବିତ ବୋଲି ରାଷ୍ଟ୍ରପତି କହିଛନ୍ତି।

**V/O–PRESIDENT**

ଗସ୍ତ ଅବସରରେ ରାଷ୍ଟ୍ରପତି ସେଠାକାର ସହିଦ ସ୍ମୃତି ପୀଠରେ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ସାର୍ବଜନୀନ ସେବା ଏବଂ ଦ୍ୱିପାକ୍ଷିକ ସମ୍ପର୍କ କ୍ଷେତ୍ରରେ ତାଙ୍କ ଅବଦାନକୁ ସ୍ୱୀକୃତି ପ୍ରଦାନ ସ୍ୱରୂପ ବୁଖାରେଷ୍ଟ

ଅର୍ଥନୈତିକ ଅଧ୍ୟୟନ ବିଶ୍ୱବିଦ୍ୟାଳୟ ରାଷ୍ଟ୍ରପତି ମୁର୍ମୁଙ୍କୁ ସମ୍ମାନସୂଚକ ଡକ୍ଟରେଟ୍ ଉପାଧି ପ୍ରଦାନ କରିଥିଲା। ଏଥିସହ ରାଷ୍ଟ୍ରପତି ତାଙ୍କର ତ୍ରିରାଷ୍ଟ୍ରୀୟ ଗସ୍ତ ଶେଷ କରିଛନ୍ତି। ପ୍ରଥମ ପର୍ଯ୍ୟାୟରେ ମାଲଡୋଭା ଏବଂ ଦ୍ୱିତୀୟ ପର୍ଯ୍ୟାୟରେ ଉତ୍ତର ମାସିଡୋନିଆକୁ ଗସ୍ତ ଶେଷ କରି ରାଷ୍ଟ୍ରପତି ତୃତୀୟ ପର୍ଯ୍ୟାୟରେ ରୋମାନିଆ ଗସ୍ତରେ ଯାଇଥିଲେ।

## ମନ୍ କୀ ବାତ୍

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆସନ୍ତାକାଲି ପୂର୍ବାହ୍ନ ୧୧ଟା ବେଳେ ଆକାଶବାଣୀର ମନ୍ କୀ ବାତ୍ କାର୍ଯ୍ୟକ୍ରମରେ ଦେଶବାସୀଙ୍କ ସହଯୋଗ ଭାବବିନିମୟ କରିବେ । ଏହା ହେବ ମନ୍ କୀ ବାତ୍‌ର ୧୩୬ତମ ସଂସ୍କରଣ । ଆକାଶବାଣୀ ଓ ଦୂରଦର୍ଶନର ସମସ୍ତ ନେଟୱର୍କ, ଆକାଶବାଣୀ ୱେବ୍‌ସାଇଟ୍ ଓ Newsonair, ମୋବାଇଲ୍ Appରେ ଏହି କାର୍ଯ୍ୟକ୍ରମ ଉପଲବ୍ଧ ହେବ । ଆକାଶବାଣୀ, DD News, PMO ଏବଂ ସୂଚନା ଓ ପ୍ରସାରଣ ମନ୍ତ୍ରଣାଳୟ ୟୁଟ୍ୟୁବ୍ ଚ୍ୟାନେଲ୍‌ରେ ମଧ୍ୟ ଏହାର ସିଧା ପ୍ରସାରଣ ହେବ । ହିନ୍ଦୀ ଭାଷାରେ ପ୍ରସାରଣ ପରେ ଆକାଶବାଣୀରେ ଏହି କାର୍ଯ୍ୟକ୍ରମର ଆଞ୍ଚଳିକ ଭାଷାନ୍ତରଣ ପ୍ରସାରଣ କରାଯିବ । ରାତି ୮ଟାରେ ଆଞ୍ଚଳିକ ଭାଷାନ୍ତରଣର ପୁନଃ ପ୍ରସାରଣ କରାଯିବ ।

## ସୁନାବେଶ

ଶ୍ରୀକ୍ଷେତ୍ର ପୁରୀରେ ଆଜି ହରିଶୟନ ଏକାଦଶୀ ତିଥିରେ  ଶ୍ରୀମନ୍ଦିର ସିଂହଦ୍ୱାର ସମ୍ମୁଖରେ ରଥାରୂଢ଼ ଶ୍ରୀଜୀଉଙ୍କ ସୁନାବେଶ ଅନୁଷ୍ଠିତ ହୋଇଛି। ରଥ ଉପରେ ଆଜି ମହାପ୍ରଭୁ ଶ୍ରୀଜଗନ୍ନାଥ, ଶ୍ରୀବଳଭଦ୍ର ଓ ଦେବୀ ସୁଭଦ୍ରାଙ୍କୁ ହୀରାନୀଳା, ମୋତି ମାଣିକ୍ୟ ଖଚିତ ୧୩୮ ପ୍ରକାର ସୁବର୍ଣ୍ଣ ଅଳଙ୍କାରରେ ସଜ୍ଜିତ କରାଯାଇଛି ।

ଶ୍ରୀଜିଉମାନଙ୍କ ସୁନାବେଶ ଦର୍ଶନ ପାଇଁ ବଡ଼ଦାଣ୍ଡରେ ପ୍ରବଳ ଜନ ସମାଗମ ଦେଖିବାକୁ ମିଳିଛି।      ସନ୍ଧ୍ୟା ଆଳତି ନୀତି ଶେଷ ହେବାପରେ ମହାପ୍ରଭୁଙ୍କୁ ସୁନାବେଶରେ ସଜ୍ଜିତ କରାଯାଇଥିଲା। ନୀତିନିର୍ଘଣ୍ଟ ଅନୁଯାୟୀ ରାତି ୧୧ଟାରେ ଶ୍ରୀଜୀଉଙ୍କ ଅଙ୍ଗରୁ ଅଳଙ୍କାରକୁ ବାହାର କରାଯିବ। ରାତି ୧୨ଟାରେ ବଡସିଂହାର ବେଶ, ସାଢ଼େ ୧୨ଟାରେ ବଡସିଂହାର ଭୋଗ ସହ ହରିଶୟନ ଏକାଦଶୀ ନୀତି ନେଇ ଅନ୍ୟାନ୍ୟ ନୀତିନିର୍ଘଣ୍ଟ ଅନୁଷ୍ଠିତ ହେବ।

## ସାରନାଥ- ୟୁନେସ୍କୋ

ପ୍ରାଚୀନ ବୌଦ୍ଧସ୍ଥଳ ଉତ୍ତରପ୍ରଦେଶର ସାରନାଥ' ୟୁନେସ୍କୋ ବିଶ୍ୱ ଐତିହ୍ୟ ତାଲିକାରେ ସ୍ଥାନିତ ହୋଇଛି। ସଂସ୍କୃତି ଓ ପର୍ଯ୍ୟଟନ ମନ୍ତ୍ରୀ ଗଜେନ୍ଦ୍ର ସିଂହ ଶେଖାଓ୍ୱତ ଏହି ନିଷ୍ପତ୍ତିକୁ ସ୍ୱାଗତ କରି କହିଛନ୍ତି, ଏହା ଦେଶର ସାଂସ୍କୃତିକ ଐତିହ୍ୟ ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ମୁହୂର୍ତ୍ତ। ସାମାଜିକ ଗଣମାଧ୍ୟମ ପୋଷ୍ଟରେ ଶ୍ରୀ ଶେଖାଓ୍ୱତ ସାରନାଥ ବୌଦ୍ଧସ୍ଥଳୀକୁ ଶାନ୍ତି, ଜ୍ଞାନ ଏବଂ କରୁଣାର ଏକ କାଳଜୟୀ ଆଲୋକପାଥ ବୋଲି ବର୍ଣ୍ଣନା

କରିଛନ୍ତି। ଭାରତୀୟ ସଭ୍ୟତାର ଆଧ୍ୟାତ୍ମିକତା ଏବଂ ଦର୍ଶନିକ ଅବଦାନକୁ ଏହି ପୀଠ ପ୍ରତିଫଳନ କରେ ବୋଲି ସେ କହିଛନ୍ତି।

ଏହି ସଫଳତା ପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆନନ୍ଦ ପ୍ରକାଶ କରିଛନ୍ତି। ସାମାଜିକ ଗଣମାଧ୍ୟମ ପୋଷ୍ଟରେ ଶ୍ରୀ ମୋଦୀ କହିଛନ୍ତି, ପ୍ରତ୍ୟେକ ଭାରତୀୟଙ୍କ ପାଇଁ ଏହା ଏକ ଗର୍ବର ମୁହୂର୍ତ୍ତ। ସାରନାଥର ଭଗବାନ ବୁଦ୍ଧଙ୍କ ସହିତ ଗଭୀର ସମ୍ପର୍କ ରହିଛି। ଭଗବାନ ବୁଦ୍ଧଙ୍କ ଜ୍ଞାନ, କରୁଣା ଏବଂ ସମନ୍ୱୟର କାଳଜୟୀ ବାର୍ତ୍ତା ବିଶ୍ୱକୁ ପ୍ରେରଣା ପ୍ରଦାନ କରୁଛି ବୋଲି ଶ୍ରୀ ମୋଦୀ କହିଛନ୍ତି। ସାରନାଥକୁ ଗସ୍ତ କରିବା ସହ ଭଗବାନ ବୁଦ୍ଧଙ୍କ ଆଦର୍ଶ ସହିତ ଯୋଡ଼ି ହେବାକୁ ଶ୍ରୀ ମୋଦୀ ଆହ୍ୱାନ ଦେଇଛନ୍ତି।

## ଆସାମ ଫ୍ଲଡ

ଆସାମରେ ବନ୍ୟା ପରିସ୍ଥିତି ଅଧିକ ଗମ୍ଭୀର ରହିଛି। ମିଳିଥିବା ସଦ୍ୟତମ ରିପୋର୍ଟ ଅନୁଯାୟୀ, ଆଉ ୧୪ ଜଣଙ୍କର ମୃତ୍ୟୁ ହୋଇଛି। ଏଥିସହ ରାଜ୍ୟରେ ମୋଟ୍ ବନ୍ୟାଜନିତ ମୃତ୍ୟୁ ସଂଖ୍ୟା ୬୧ରେ ପହଁଞ୍ଚିଛି। ଦେଢ଼ ଲକ୍ଷରୁ ଅଧିକ ଲୋକ ରିଲିଫ ଶିବିରଗୁଡ଼ିକରେ ଆଶ୍ରୟ ନେଇଛନ୍ତି। ଶିବସାଗର, ଚରାଇଦେଓ ଏବଂ ଜୋର୍‌ହାଟ୍ ଜିଲ୍ଲା ସବୁଠାରୁ ଅଧିକ ପ୍ରଭାବିତ ହୋଇଛି। ରାଜ୍ୟର ପ୍ରମୁଖ ନଦୀ ଦୀଖୌ, ଦିଶାଙ୍ଗ ଏବଂ ଧନଶିରି ବିପଦ ସଂକେତ ଉପରେ ପ୍ରବାହିତ ହେଉଛି। ପ୍ରଭାବିତ ଅଞ୍ଚଳଗୁଡ଼ିକରେ ଉଦ୍ଧାର ଓ ରିଲିଫ କାର୍ଯ୍ୟ ଜାରି ରହିଛି।

ବନ୍ୟାରେ ପ୍ରାଣ ହରାଇଥିବା ପ୍ରାଣ ହରାଇଥିବା ଲୋକଙ୍କ ନିକଟ ସମ୍ପର୍କୀୟଙ୍କ ପ୍ରତି ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ସମବେଦନା ଜ୍ଞାପନ କରିଛନ୍ତି। ସାମାଜିକ ଗଣମାଧ୍ୟମ ପୋଷ୍ଟରେ ରାଷ୍ଟ୍ରପତି ଏହି ପ୍ରାକୃତିକ ବିପର୍ଯ୍ୟୟରୁ ଲୋକଙ୍କ ସୁରକ୍ଷା କାମନା କରିଛନ୍ତି। ଉଦ୍ଧାର ଓ ରିଲିଫ କାର୍ଯ୍ୟରେ ନିୟୋଜିତ ଲୋକଙ୍କର ସୁରକ୍ଷା ପାଇଁ ରାଷ୍ଟ୍ରପତି ମଙ୍ଗଳ କାମନା କରିଛନ୍ତି। ଏହି ଦୁର୍ବିପାକରେ ଆସାମବାସୀଙ୍କ ସହ ସମଗ୍ର ଦେଶ ଛିଡ଼ା ହୋଇଛି ବୋଲି ରାଷ୍ଟ୍ରପତି କହିଛନ୍ତି।

## ୟୁଏସ୍ ଇରାନ୍ ୱାର

ଇରାନ ଉପରେ ଆମେରିକା ପକ୍ଷରୁ ଚାଲିଥିବା ଆକ୍ରମଣରେ ଆଜି ବିରତି ପରଲକ୍ଷିତ ହୋଇଛି। ଲଗାତାର ୧୩ ଦିନ ଧରି ଆମେରିକା ରାତ୍ରୀ ସମୟରେ ଇରାନ ଉପରେ ଆକ୍ରମଣ ଜାରି ରଖିଥିଲା। ସାମାଜିକ ଗଣମାଧ୍ୟମ ପୋଷ୍ଟରେ ଇରାନ୍‌ର ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ମୁଖପାତ୍ର ହୋସେନ କର୍ମାନପୁର  ଏହି ବିରତିକୁ ନିଶ୍ଚିତ କରିଛନ୍ତି। ତେବେ ହର୍ମୁଜ ପ୍ରଣାଳୀ ପ୍ରସଙ୍ଗକୁ ନେଇ ସେଠାରେ ଆଞ୍ଚଳିକ ଅସ୍ଥିରତା ଗୁରୁତର ଥିବା ଜଣାପଡ଼ିଛି। ଅନ୍ୟପକ୍ଷରେ ଆମେରିକୀୟ କେନ୍ଦ୍ରୀୟ କମାଣ୍ଡ– ସେଣ୍ଟକମ୍ ଯୁଦ୍ଧବିରତି ନେଇ କୌଣସି ଘୋଷଣା କରିନାହିଁ। ସେହିଭଳି ଇରାନ୍‌ର କୌଣସି ଉପସାଗରୀୟ ରାଷ୍ଟ୍ରଗୁଡ଼ିକରେ ମଧ୍ୟ ସୁରକ୍ଷାଜନିତ ସତର୍କତାମୂଳକ ପଦକ୍ଷେପ  ଜାରି ରହିଛି।

## ସିଭିଲ ଆଭିଏସନ୍– ଏୟାର ସୁବିଧା ୨.୦

ଏୟାର ସୁବିଧା–୨.୦ ପୋର୍ଟାଲ ପରିଚୟ ପ୍ରଦାନ କରି କେତେକ ନକଲି ୱେବସାଇଟ୍ ଯାତ୍ରୀଙ୍କୁ ଠକେଇ କରୁଥିବା ନେଇ ବେସାମରିକ ବିମାନ ଚଳାଚଳ ମନ୍ତ୍ରଣାଳୟ ସତର୍କ କରାଇଛି। ଏକ ପ୍ରେସ୍ ବିବୃତିରେ ମନ୍ତ୍ରଣାଳୟ କହିଛି, ଏହି ପୋର୍ଟାଲ ମାଧମରେ ନିଃଶୁଳ୍କ ସେବା ପ୍ରଦାନ କରାଯାଉଛି ଏବଂ ଏଥିପାଇଁ ନିଜସ୍ୱ ଘୋଷଣା ଫର୍ମ ଦାଖଲ ପାଇଁ କୌଣସି ଦେୟର ଆବଶ୍ୟକତା ପଡ଼େ ନାହିଁ। ଏଥିସହ ଏହି ପୋର୍ଟାଲର ସବିଶେଷ ତଥ୍ୟ ସମ୍ପର୍କରେ ମନ୍ତ୍ରଣାଳୟ ସୂଚନା ଦେଇଛି। ତେବେ କୌଣସି ବ୍ୟକ୍ତିଗତ କିମ୍ବା ଯାତ୍ରା ସମ୍ବନ୍ଧୀୟ ସୂଚନା ପ୍ରଦାନ ପୂର୍ବରୁ ୱେବସାଇଟ୍‌ର ୟୁ.ଆର୍.ଏଲ୍.କୁ ସତର୍କତାର ସହ ଯାଞ୍ଚ କରିବାକୁ ମନ୍ତ୍ରଣାଳୟ ଯାତ୍ରୀଙ୍କୁ ପରାମର୍ଶ ଦେଇଛି।

## କ୍ରିକେଟ

ଭାରତ–ଜିମ୍ବାୱେ ପୁରୁଷ ତିନିଟିକିଆ ଟି-ଟ୍ୱେଣ୍ଟି କ୍ରିକେଟ ସିରିଜ୍‌ର ଦ୍ୱିତୀୟ ମ୍ୟାଚ୍ ହରାରେ ଠାରେ ଜାରି ରହିଛି।  ଟସ୍ ଜିତି ଜିମ୍ବାୱେ’ ଭାରତକୁ ପ୍ରଥମେ ବ୍ୟାଟିଂ କରିବାକୁ ପ୍ରଥମେ ଆମନ୍ତ୍ରଣ କରିଥିଲା। ନିର୍ଦ୍ଧାରିତ ୨୦ ଓଭରରେ ଭାରତ ୫ ୱିକେଟ୍ ବିନିମୟରେ ୨୧୯ ରନ୍ ସଂଗ୍ରହ କରିଛି। ଦଳ ପକ୍ଷରୁ ଇଶାନ କିଶନ ୪୪ଟି ବଲରୁ ୮୧ ରନ୍ ସଂଗ୍ରହ କରିଥିବା ବେଳେ ତିଲକ ବର୍ମା ଅପରାଜିତ ୬୦ ରନ୍ ସଂଗ୍ରହ

କରିଥିଲେ। ୨୨୦ ରନ୍‌ର ବିଜୟ ଲକ୍ଷ୍ୟକୁ ପିଛା କରି ସମ୍ବାଦ ପ୍ରସ୍ତୁତ ହେବା ବେଳକୁ ଜିମ୍ବାୱେ ୮ ଓଭରରେ ୪ ୱିକେଟ୍ ହରାଇ ୬୪ ରନ୍ ସଂଗ୍ରହ କରିଛି। ଏହି ସିରିଜ୍‌ରେ ପ୍ରଥମ ମ୍ୟାଚ୍‌କୁ ୭ ୱିକେଟ୍‌ରେ ଜିତି ଭାରତ ୧-୦ରେ ଆଗୁଆ ରିହଛି।